[2009] 2 ଏସସିଆର 971

ଓଡ଼ିଶା  ରାଜ୍ୟ ଏବଂ ଅନ୍ୟମାନେ

ବନାମ

କ୍ଷୀରୋଦ କୁମାର ନାୟକ

ଦେୱାନୀ ଆବେଦନ ସଂଖ୍ୟା  1158/2009

ଫେବୃଆରୀ 23, 2009

**[ଡଃ ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ ]**

*ଓଡ଼ିଶା ଶିକ୍ଷା (ଶିକ୍ଷକ ଏବଂ ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, 1974- ଓଡ଼ିଶା ସରକାର, ଶିକ୍ଷା ଏବଂ ୱାଇ.ଏସ୍. ବିଭାଗ ଦ୍ୱାରା ଜାରି ହୋଇଥିବା ତା 8.7.1981 ରିଖ ପରିପତ୍ର ସଂଖ୍ୟା 28365- ଇୱାଇଏସ୍ ଏବଂ ତା 27.3.1992 ରିଖ ପରିପତ୍ର ସଂଖ୍ୟା 155000 ଏକ୍ସVII/ଏପି- 50/91-ଇ- ପରିପତ୍ରରେ ନିର୍ଦ୍ଧାରିତ ମାନକ କର୍ମଚାରୀଙ୍କ ନିର୍ଦ୍ଧାରଣ ପାଇଁ ମାନଦଣ୍ଡ- 'ଚତୁର୍ଥ ଚପରାଶି' ନିଯୁକ୍ତି ପାଇଁ ଦାବି- କୁହାଗଲା: ନିର୍ଦ୍ଧାରିତ ମାନଦଣ୍ଡରେ 'ଚତୁର୍ଥ ଚପରାଶି'ର କୌଣସି ବ୍ୟବସ୍ଥାପତ୍ର ନାହିଁ- ଦୁଇଟି ପରିପତ୍ରରେ ବ୍ୟବହୃତ ଅଭିବ୍ୟକ୍ତି 'ଦଫତରୀ' ଅଟେ ଏବଂ 'ଚତୁର୍ଥ ଚପରାଶି'' ନୁହେଁ- ଦଫତରୀ ପଦ ଏକ ପଦୋନ୍ନତି ପଦ ଏବଂ ଏହା ଉଚ୍ଚ ସ୍ତରର ବେତନ ବହନ କରେ- ଉଚ୍ଚ ନ୍ୟାୟାଳୟ 'ଚତୁର୍ଥ ଚପରାଶି''କୁ 'ଦଫତରୀ' ସହିତ ସମତୁଲ୍ୟ କରି ଏବଂ 'ଚତୁର୍ଥ ଚପରାଶି'' ନିଯୁକ୍ତି ପାଇଁ ଦାବିକୁ ସମର୍ଥନ କରି ତ୍ରୁଟି କରିଥିଲେ ।*

**ପ୍ରଥମ ପ୍ରତିବାଦୀଙ୍କ ଦାବି ଥିଲା ଯେ ଓଡ଼ିଶା ଶିକ୍ଷା ଅଧିନିୟମ, 1969 ଅଧୀନରେ ବ୍ୟାଖ୍ୟା କରାଯାଇଥିବା ଭଳି ଏକ ସହାୟତାପ୍ରାପ୍ତ ଶିକ୍ଷାନୁଷ୍ଠାନର ପରିଚାଳନା ଦ୍ୱାରା ତାଙ୍କୁ 'ଚତୁର୍ଥ ଚପରାଶି'' ଭାବରେ ନିଯୁକ୍ତ କରାଯାଇଥିଲା । ପ୍ରଥମ ପ୍ରତିବାଦୀଙ୍କ ଏହି ନିଯୁକ୍ତିକୁ, ନିର୍ଦ୍ଧାରିତ ମାନଦଣ୍ଡର ବାହାରେ ବୋଲି ଧରିନେଇ, ଯେହେତୁ ରାଜ୍ୟ ଏହାକୁ ଅନୁମୋଦନ କରିନଥିଲା, ନିଯୁକ୍ତିକୁ ଅନୁମୋଦନ ଦେବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପାଇଁ ରିଟ୍ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ 'ଚତୁର୍ଥ ଚପରାଶି''କୁ 'ଦଫତରୀ' ସହିତ ସମତୁଲ୍ୟ କରି ରିଟ୍ ଆବେଦନକୁ ଅନୁମତି ଦେଇଛନ୍ତି । ଏହି ନ୍ୟାୟାଳୟକୁ କରାଯାଇଥିବା ଆବେଦନରେ, ଆବେଦନକାରୀ-ରାଜ୍ୟ ଯୁକ୍ତି କରିଥିଲେ ଯେ ନିର୍ଦ୍ଧାରିତ ମାନଦଣ୍ଡରେ 'ଚତୁର୍ଥ ଚପରାଶି 'ର କୌଣସି ବ୍ୟବସ୍ଥାପତ୍ର ନଥିଲା; ଏବଂ 'ଦଫତରୀ' ପଦ ଏକ ପଦୋନ୍ନତି ପଦ ଥିଲା ଯାହା ଉଚ୍ଚ ସ୍ତରର ଦରମା ବହନ କରୁଥିଲା ଏବଂ ତେଣୁ ଶେଷ ପ୍ରବେଶକାରୀ 'ଦଫତରୀ' ପଦ ପାଇଁ ଯୋଗ୍ୟ ନଥିଲେ ।**

**ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ**

କହିଲେ: 1. ଓଡ଼ିଶା ସରକାର, ଶିକ୍ଷା ଏବଂ ୱାଇ.ଏସ୍. ବିଭାଗ, ଅଣ-ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ପାଇଁ ମାନକ କର୍ମଚାରୀ ସ୍ଥିର କରି ତା 8.7.1981 ରିଖ ପରିପତ୍ର ସଂଖ୍ୟା 28365-ଇୱାଇଏସ ଜାରି କରିଥିଲେ । ଏହି ସ୍ଥିତିକୁ ତା 27.3.1992 ରିଖ ପରିପତ୍ର ଦ୍ୱାରା ଆହୁରି ସ୍ପଷ୍ଟ କରାଯାଇଥିଲା । ଦୁଇଟି ପରିପତ୍ରର ତୁଳନା ଦର୍ଶାଏ ଯେ 1981 ପରିପତ୍ର ଅଧୀନରେ ଆବଶ୍ୟକ ଉପସ୍ଥାନ ସାମର୍ଥ୍ୟ 100 ଥିଲା, ଯାହା ପରବର୍ତ୍ତୀ କାଳରେ 1992 ପରିପତ୍ରରେ 500 କୁ ପରିବର୍ତ୍ତନ କରାଯାଇଥିଲା । ଦୁଇଟି ଯାକ ପରିପତ୍ରରେ ବ୍ୟବହୃତ ଅଭିବ୍ୟକ୍ତି "ଦଫତରୀ" ଅଟେ ଏବଂ "ଚତୁର୍ଥ ଚପରାଶି” ନୁହେଁ । ଉଚ୍ଚ ନ୍ୟାୟାଳୟ, ସତେ ଯେପରି ଏହି ପରିପତ୍ରଗୁଡ଼ିକରେ 'ଚତୁର୍ଥ ଚପରାଶି'କୁ ଉଲ୍ଲେଖ କରାଯାଇଛି, ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦ୍ୱାରା ତ୍ରୁଟିଯୁକ୍ତ ହୋଇଥିଲେ ବୋଲି ବୋଧ ହେଲା । "ଦଫତରୀ" ପଦ ଉଚ୍ଚ ବେତନ ବହନ କରେ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଏକ ପଦୋନ୍ନତି ପଦ । ସେହି ସ୍ଥିତି ହେତୁ, ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକାରୀଙ୍କ ସେବାକୁ "ଚତୁର୍ଥ ଚପରାଶି” ଭାବରେ ଅନୁମୋଦନ କରିବା ନ୍ୟାୟସଙ୍ଗତ ନଥିଲା । କିନ୍ତୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଣଦେଖା କରାଯାଇପାରିବ ନାହିଁ । ଯଦି ଏକ ବିଦ୍ୟାଳୟ "ଦଫତରୀ" ରଖିବାକୁ ହକଦାର ଥିଲା, ତେବେ ନିଶ୍ଚିତ ଭାବରେ ତିନି ଜଣଙ୍କ ମଧ୍ୟରୁ ଜଣକୁ ପଦୋନ୍ନତି ଦେଇ ନିଯୁକ୍ତି ଦିଆଯିବ, ଅର୍ଥାତ୍ କାର୍ଯ୍ୟାଳୟ ଚପରାଶି, କାର୍ଯ୍ୟାଳୟ ପରିଚାରକ ଏବଂ ରାତ୍ରି ଜଗୁଆଳି-ତଥା-ସଫେଇ କର୍ମଚାରୀମାନଙ୍କ ମଧ୍ୟରୁ, ଯେହେତୁ ଅନୁଷ୍ଠାନରେ ଆଉ ଅନ୍ୟ କୌଣସି ଚତୁର୍ଥ ଶ୍ରେଣୀ ପଦ ନାହିଁ । କାହାକୁ ପଦୋନ୍ନତି ଦିଆଯିବ ତାହା ସ୍ଥିର କରିବା ଏବଂ ତତ୍ ପରେ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କ ଅନୁମୋଦନ ନେବା ଅନୁଷ୍ଠାନର ପରିଚାଳନା କମିଟିର ଦାୟିତ୍ୱ ଅଟେ । ସେହି ପ୍ରକାରରେ ପରିଚାଳନାବର୍ଗଙ୍କ ଦ୍ୱାରା ଉପଯୁକ୍ତ ଭାବରେ ସ୍ଥାନାନ୍ତର କରାଯାଇଥିଲେ ରିଟ୍ ଆବେଦନକାରୀଙ୍କ ଦାବି କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ବିଚାର କରା ଯାଇପାରିଥାନ୍ତା । ଏହା ନିର୍ବିବାଦିତ ଯେ ପ୍ରାସଙ୍ଗିକ ସରକାରୀ ଆଦେଶର ଭୁଲ ପଠନ ଅଧୀନରେ ହୁଏତ ପରିଚାଳନା କମିଟି ଦ୍ୱାରା ରିଟ୍ ଆବେଦନକାରୀଙ୍କୁ ନିଯୁକ୍ତ କରାଯାଇଥିଲା । [ପରିଚ୍ଛେଦ 8, 10, 11, 12]

2. ସମ୍ପୃକ୍ତ ଅନୁଷ୍ଠାନର ପରିଚାଳନାବର୍ଗ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କିମ୍ବା ଚତୁର୍ଥ ଶ୍ରେଣୀର କର୍ମଚାରୀଙ୍କ ପଦୋନ୍ନତି ନିଯୁକ୍ତି ପାଇଁ ଅନୁମୋଦନକୁ "ଦଫତରୀ" ଭାବରେ ସ୍ଥାନାନ୍ତର କରିବ । ଏଥି ସହିତ, ଚତୁର୍ଥ ଶ୍ରେଣୀ ପଦରେ ନିଯୁକ୍ତି ପାଇଁ ମଧ୍ୟ ଏହା ସୁପାରିଶ କରିପାରିବ, ଯଦି ପଦୋନ୍ନତି ରୂପେ "ଦଫତରୀ" ନିଯୁକ୍ତି ପାଇଁ ସୁପାରିଶକୁ ଅନୁମୋଦନ ଦିଆଯାଏ ।

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1158/2009

ଓଜେସି ସଂଖ୍ୟା 6857 /1996 ମାମଲାରେ କଟକ ସ୍ଥିତ ଉଚ୍ଚ ନ୍ୟାୟାଳୟଙ୍କ ତା 27.11.1996 ରିଖ ରାୟ ତଥା ଆଦେଶରୁ

ଓଡ଼ିଶା  ରାଜ୍ୟ ଏବଂ ଅନ୍ୟମାନେ ବନାମ
କ୍ଷୀରୋଦ କୁମାର ନାୟକ

ଜନ କଲ୍ୟାଣ ଦାସ, ଆବେଦନକାରୀଙ୍କ ପକ୍ଷରୁ ।

ବି. ଏସ୍. ଶର୍ମା, ଏମ୍. କେ. ମାଇକେଲ୍, ପ୍ରତିବାଦୀ  ପକ୍ଷରୁ ।

ନ୍ୟାୟାଳୟର ରାୟ

ଡଃ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

1. ବିଳମ୍ବକୁ କ୍ଷମା କରିଦିଆଯାଇଛି ।

2. ଅନୁମତି ପ୍ରଦାନ କରାଗଲା ହୋଇଛି ।

3. ଏହି ଆବେଦନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠଙ୍କ ଆଦେଶକୁ ଆପତ୍ତି କରାଯାଇଛି । ବାସ୍ତବ ପୃଷ୍ଠଭୂମିକୁ ନିମ୍ନମତେ ସଂକ୍ଷିପ୍ତ ରୂପରେଖ ଦିଆ ଯାଇପାରେ:

4. ପ୍ରଥମ ପ୍ରତିବାଦୀ ଓଡ଼ିଶା  ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଓ ଜେ ସି  ସଂଖ୍ୟା  6857 /1996 ନାମକ ଏକ ରିଟ୍ ଆବେଦନ ଦାଖଲ କରି ଦାବି କରିଥିଲେ ଯେ ଓଡ଼ିଶା ଶିକ୍ଷା ଅଧିନିୟମ, 1969 (ସଂକ୍ଷେପରେ 'ଅଧିନିୟମ') ଏବଂ ଓଡ଼ିଶା ଶିକ୍ଷା (ଶିକ୍ଷକ ଏବଂ ସହାୟକ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, 1974 (ସଂକ୍ଷେପରେ 'ନିଯୁକ୍ତି ନିୟମାବଳୀ') ଅଧୀନରେ ବ୍ୟାଖ୍ୟା କରାଯାଇଥିବା ଅନୁସାରେ ସମ୍ପୃକ୍ତ ଅନୁଷ୍ଠାନର, ଯାହା ଏକ "ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନ" ଅଟେ, ପରିଚାଳନାବର୍ଗ ଦ୍ୱାରା ତାଙ୍କୁ 'ଚତୁର୍ଥ ଚପରାଶି' ଭାବରେ ନିଯୁକ୍ତ କରାଯାଇଥିଲା । ଏହା ବିବାଦିତ  ନୁହେଁ ଯେ ଯଦି କୌଣସି ଅନୁଷ୍ଠାନ ଏକ ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନ, ତେବେ ତାହା ଅଧିନିୟମ ତଥା ଏହା ଅଧୀନରେ ଥିବା ନିୟମାବଳୀ ଦ୍ୱାରା ପରିଚାଳିତ ହୋଇଥାଏ । ଏହି ଅଧିନିୟମ ଅଧୀନରେ ନିଯୁକ୍ତି ନିୟମାବଳୀ ପ୍ରସ୍ତୁତ କରାଯାଇଛି । ଯେହେତୁ ରାଜ୍ୟର କାର୍ଯ୍ୟକର୍ତ୍ତାମାନେ ଏହି ନିଯୁକ୍ତିକୁ ନିର୍ଦ୍ଧାରିତ ମାନଦଣ୍ଡ ବାହାରେ ବୋଲି ଧରିନେଇ ଅନୁମୋଦନ କରିନଥିଲେ, ତେଣୁ ନିଯୁକ୍ତିକୁ ଅନୁମୋଦନ ଦେବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପାଇଁ ରିଟ୍ ଆବେଦନଟି ଦାଖଲ କରାଯାଇଥିଲା ।

5. ରିଟ୍ ଆବେଦନରେ ଆକ୍ଷେପିତ ରାୟ ଦେଇ ଉଚ୍ଚ ନ୍ୟାୟାଳୟ କହିଲେ ଯେ ରାଜ୍ୟର କାର୍ଯ୍ୟକର୍ତ୍ତାମାନେ ଅନୁମୋଦନ ଦେବାକୁ ମନା କରିବାରେ ନ୍ୟାୟସଙ୍ଗତ ନଥିଲେ । ରାଜ୍ୟ ସରକାରଙ୍କର ଆଭିମୁଖ୍ୟ ଥିଲା ଯେ ତା 8.7.1981 ରିଖର ପରିପତ୍ରରେ ଅଣ-ସରକାରୀ ମାଧମିକ ବିଦ୍ୟାଳୟଗୁଡ଼ିକ ପାଇଁ ମାନକ କର୍ମଚାରୀ ନିର୍ଦ୍ଧାରଣ ପାଇଁ ମାନଦଣ୍ଡ ରହିଥିଲା, ଯାହାକି ପୂର୍ବ ପରିପତ୍ରଗୁଡ଼ିକର ସ୍ଥାନ ନେଇଥିଲା । "କର୍ମଚାରୀଙ୍କ ବର୍ଗ" ଅଧୀନରେ ଯେଉଁ ଚପରାଶିମାନଙ୍କୁ ନିଯୁକ୍ତି ଦିଆଯାଇପାରିବ, ସେମାନଙ୍କ ସଂଖ୍ୟା ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା । କେବଳ ଯଦି ଅନୁଷ୍ଠାନର ଉପସ୍ଥାନ ସାମର୍ଥ୍ୟ ଏକ  ନିର୍ଦ୍ଦିଷ୍ଟ ସଂଖ୍ୟାକୁ ଅତିକ୍ରମ କରେ, ତେବେ "ଦଫତରୀ"ର ଗୋଟିଏ ପଦ ଗ୍ରହଣୀୟ ଥିଲା । ରାଜ୍ୟ ସରକାରଙ୍କ ଅନୁଯାୟୀ "ଦଫତରୀ" ପଦ

ହେଉଛି ଏକ ପଦୋନ୍ନତି ପଦ ଏବଂ ତେଣୁ, ରିଟ୍ ଆବେଦନକାରୀଙ୍କ ଦ୍ୱାରା କୁହାଯାଉଥିବା "ଚତୁର୍ଥ ଚପରାଶି" ର ଅବଧାରଣା କୌଣସି ଆଇନଗତ ଆଧାର ବିନା ଅଟେ । ତା 27.3.1992 ରିଖର ପରିପତ୍ର ଦ୍ୱାରା ଏହି ସ୍ଥିତିକୁ ଆହୁରି ସ୍ପଷ୍ଟ କରାଯାଇଥିଲା । ପ୍ରତିଦ୍ୱନ୍ଦ୍ୱୀ ପକ୍ଷର ଆଭିମୁଖ୍ୟକୁ ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ "ଚତୁର୍ଥ ଚପରାଶି"କୁ "ଦଫତରୀ" ସହିତ ସମତୁଲ୍ୟ କରିଥିଲେ ଏବଂ ରିଟ୍ ଆବେଦନକାରୀଙ୍କ ଦାବିକୁ ଗ୍ରହଣୀୟ ବୋଲି କହିଥିଲେ ।

6. ଏହି ଆବେଦନକୁ ସମର୍ଥନ କରି ଓଡ଼ିଶା ରାଜ୍ୟର ଶ୍ରୀମାନ ଓକିଲ ଦର୍ଶାଇଥିଲେ ଯେ ଉଚ୍ଚ ନ୍ୟାୟାଳୟ ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ବିଚାର କରିବାରେ ବିଫଳ ହୋଇଛନ୍ତି । ପ୍ରଥମତଃ, ନିର୍ଦ୍ଧାରିତ ମାନଦଣ୍ଡରେ "ଚତୁର୍ଥ ଚପରାଶି"ର କୌଣସି ବ୍ୟବସ୍ଥାପତ୍ର ନାହିଁ । "ଦଫତରୀ" ପଦଟି ଏକ ପଦୋନ୍ନତି ପଦ ଏବଂ ଏହା ଅଧିକ ବେତନ ବହନ କରେ । ସେହି ପଦ ହୋଇଥିବାରୁ, ଶେଷ ପ୍ରବେଶକାରୀ "ଦଫତରୀ" ପଦ ଦାବି କରିପାରିବେ ନାହିଁ ।

7. ଅପରପକ୍ଷରେ ରିଟ୍ ଆବେଦନକାରୀଙ୍କ ଶ୍ରୀମାନ ଓକିଲ ଉପସ୍ଥାପନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ପରିପତ୍ରଗୁଡ଼ିକୁ ବିଚାର କରିଛନ୍ତି ଏବଂ ସଠିକ୍ ଉପସଂହାରରେ ପହଁଞ୍ଚିଛନ୍ତି ଯେ "ଚତୁର୍ଥ ଚପରାଶି" ଭାବରେ ନିଯୁକ୍ତି ପାଇଁ ଦାବି ଆଇନଗତ ଭାବରେ ପ୍ରବର୍ତ୍ତନୀୟ ହୋଇପାରିବ ।

8. ଏହି ସନ୍ଦିକ୍ଷଣରେ ଏହା ଧ୍ୟାନ ଦେବାକୁ ହେବ ଯେ ବିଭିନ୍ନ ସମୟରେ ମାନଦଣ୍ଡ ପ୍ରସ୍ତୁତ କରାଯାଇଥିଲା । ଓଡ଼ିଶା ସରକାର, ଶିକ୍ଷା ଏବଂ ୱାଇ. ଏସ୍. ବିଭାଗ, ଅଣ-ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ପାଇଁ ମାନକ କର୍ମଚାରୀ ସ୍ଥିର କରି ତା 8.7.1981 ରିଖ ପରିପତ୍ର ସଂଖ୍ୟା 28365-ଇୱାଇଏସ୍ ଜାରି କରିଥିଲେ । ଯେତେ ଦୂର ଚପରାଶିମାନଙ୍କ କଥା ସମ୍ପୃକ୍ତ, ପରିପତ୍ରର ପ୍ରାସଙ୍ଗିକ ଅଂଶଗୁଡ଼ିକ ନିମ୍ନମତେ ପଠନୀୟ :

| "କର୍ମଚାରୀଙ୍କ ବର୍ଗ | 3 ଶ୍ରେଣୀ | 5 ଶ୍ରେଣୀ | 7 ଶ୍ରେଣୀ |
|---|---|---|---|
| .............. | | | |
| 9. ଚପରାଶି (1 ) ଅଫିସ୍ ଚପରାଶି | 1 | 1 | 1 |
| (ii) ଅଫିସ୍ ପରିଚାରକ | 1 | 1 | 1 |
| (iii) ରାତ୍ରି ଜଗୁଆଳି ତଥା ସଫେଇ କର୍ମଚାରୀ | 1 | 1 | 1 |
| ଟିପ୍ପଣୀଗୁଡ଼ିକ | | | |
| ......... | | | |

(C) (ii) ଯେଉଁଠାରେ ବିଦ୍ୟାଳୟର ଉପସ୍ଥାନ ସାମର୍ଥ୍ୟ 100 ରୁ ଅଧିକ, ସେଠାରେ ଦଫତରୀର ଗୋଟିଏ ପଦ ଗ୍ରହଣୀୟ ।

........ "

9. ପରବର୍ତ୍ତୀ କାଳରେ ତା 27 ମାର୍ଚ୍ଚ, 1992 ରିଖର ଅନ୍ୟ ଏକ ପରିପତ୍ର ସଂଖ୍ୟା 155000-XVIIଏପି- 50/91-ଇ, ଦ୍ୱାରା ନିମ୍ନାନୁସାରେ ସ୍ଥିତିକୁ ଆଗକୁ ଆହୁରି ସ୍ୱଷ୍ଟ କରାଯାଇଥିଲା:

"ମୋତେ ଏହା କହିବାକୁ ନିର୍ଦ୍ଦେଶ ଦିଆଯାଇଛି ଯେ ଅଣ-ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ଅଧୀନରେ ସଂଶୋଧିତ ମାନଦଣ୍ଡ ସ୍ଥିର କରିବାର ପ୍ରଶ୍ନ କିଛି ସମୟ ପୂର୍ବରୁ ସରକାରଙ୍କ ବିଚାରଧୀନ ଥିଲା । ସତର୍କତାର ସହ ବିଚାର କରିବା ପରେ ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଅଣ-ସରକାରୀ ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ମାନଦଣ୍ଡ ଯାହା ନିମ୍ନରେ ଦିଆଗଲା:

| କର୍ମଚାରୀଙ୍କ ବର୍ଗ | 3 ଶ୍ରେଣୀ | 5 ଶ୍ରେଣୀ | 7 ଶ୍ରେଣୀ |
|---|---|---|---|
| (i) ଅଫିସ୍ ଚପରାଶି | 1 | 1 | 1 |
| (ii) ବିଜ୍ଞାନ ପରିଚାରକ | 1 | 1 | 1 |
| (iii) ରାତ୍ରି ଜଗୁଆଳି ତଥା ସଫେଇ କର୍ମଚାରୀ | 1 | 1 | 1 |

ଯେଉଁଠାରେ 10 ଶ୍ରେଣୀ ଉଚ୍ଚ ବିଦ୍ୟାଳୟର ଉପସ୍ଥାନ ସାମର୍ଥ୍ୟ 500 (ପାଞ୍ଚ ଶହ) କିମ୍ବା ଅଧିକ, ଦଫତରୀର ଗୋଟିଏ ପଦ ଗ୍ରହଣୀୟ ।

ବାସ ସୁବିଧା ଅଭାବରୁ ପାଳି ବ୍ୟବସ୍ଥା ଚାଲୁଥିବା ବିଦ୍ୟାଳୟଗୁଡ଼ିକ ପାଇଁ ଗୋଟିଏ ଅତିରିକ୍ତ ଚପରାଶି ପଦ ଗ୍ରହଣୀୟ ।

ଏହି ମାନଦଣ୍ଡ 1 ଜାନୁଆରୀ 1992 ରୁ କାର୍ଯ୍ୟକାରୀ ହେବ ଏବଂ ଉପରୋକ୍ତ ସରକାରୀ ଆଦେଶ ଉପରେ ଦର୍ଶାଯାଇଥିବା ସୀମା ପର୍ଯ୍ୟନ୍ତ ସଂଶୋଧିତ ହୋଇଛି ।"

10. ଦୁଇଟି ପରିପତ୍ରର ତୁଳନା ଦର୍ଶାଏ ଯେ 1981 ପରିପତ୍ର ଅଧୀନରେ ଆବଶ୍ୟକ ଉପସ୍ଥାନ ସାମର୍ଥ୍ୟ 100 ଥିଲା, ଯାହା ପରବର୍ତ୍ତୀ କାଳରେ ସମୟରେ 1992 ପରିପତ୍ରରେ 500 କୁ ପରିବର୍ତ୍ତନ କରାଯାଇଥିଲା ।

11. ରିଟ୍ ଆବେଦନକାରୀ ଶ୍ରୀମାନ ଓକିଲଙ୍କ ଦ୍ୱାରା ଏହା ଯଥାର୍ଥ ଭାବରେ ସ୍ୱୀକାର କରାଯାଇଛି ଯେ ଦୁଇଟି ପରିପତ୍ରରେ ବ୍ୟବହୃତ ଅଭିବ୍ୟକ୍ତି ହେଉଛି "ଦଫତରୀ" ଏବଂ "ଚତୁର୍ଥ ଚପରାଶି" ନୁହେଁ । ଉଚ୍ଚ

ନ୍ୟାୟାଳୟ, ସତେ ଯେପରି ପରିପତ୍ରରେ "ଚତୁର୍ଥ ଚପରାଶି"କୁ ଉଲ୍ଲେଖ କରାଯାଇଛି, ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦ୍ୱାରା ଭୁଲ କରିଥିବା ପରି ମନେହୁଏ । ଏହି ଆବେଦନରେ ଆରୋପିତ ବିଭିନ୍ନ ରାୟ ପଠନରୁ ଏହା ସ୍ପଷ୍ଟ ଅଟେ ।

12. ଏହା ଧ୍ୟାନ ଦେବାକୁ ହେବ ଯେ "ଦଫତରୀ" ପଦ ଉଚ୍ଚ ବେତନ ବହନ କରିଥାଏ ଏବଂ ଏହା ଚତୁର୍ଥ ଶ୍ରେଣୀର କର୍ମଚାରୀଙ୍କ ପାଇଁ ଏକ ପଦୋନ୍ନତି ପଦ । ସେହି ସ୍ଥିତି ହେତୁ, ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକାରୀଙ୍କ ସେବାକୁ "ଚତୁର୍ଥ ଚପରାଶି" ଭାବରେ ଅନୁମୋଦନ କରିବା ନ୍ୟାୟସଙ୍ଗତ ନଥିଲା । କିନ୍ତୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଣଦେଖା କରାଯାଇପାରିବ ନାହିଁ । ଯଦି କୌଣସି ବିଦ୍ୟାଳୟ "ଦଫତରୀ" ରଖିବାକୁ ହକଦାର, ତେବେ ନିଶ୍ଚିତ ଭାବରେ ତିନି ଜଣଙ୍କ ମଧ୍ୟରୁ ଜଣକୁ ପଦୋନ୍ନତି ଦେଇ ନିଯୁକ୍ତି ଦିଆଯିବ, ଅର୍ଥାତ୍ ଅଫିସ୍ ଚପରାଶି, ଅଫିସ୍ ପରିଚାରକ ଏବଂ ରାତ୍ରି ଜଗୁଆଳି-ତଥା-ସଫେଇ କର୍ମଚାରୀ ମଧ୍ୟରୁ, ଯେହେତୁ ଅନୁଷ୍ଠାନରେ ଆଉ ଅନ୍ୟ କୌଣସି ଚତୁର୍ଥ ଶ୍ରେଣୀ ପଦ ନାହିଁ । କାହାକୁ ପଦୋନ୍ନତି ଦିଆଯିବ ତାହା ସ୍ଥିର କରିବା ଏବଂ ତତପରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନେବା ଅନୁଷ୍ଠାନର ପରିଚାଳନା କମିଟିର ଦାୟିତ୍ୱ । ସେହି ଉପାୟରେ, ପରିଚାଳନାବର୍ଗ ଦ୍ୱାରା ଉପଯୁକ୍ତ ଭାବରେ ସ୍ଥାନାନ୍ତର କରାଯାଇଥିଲେ, ରିଟ୍ ଆବେଦନକାରୀଙ୍କ ଦାବିର ବିଚାର କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇପାରିଥାନ୍ତା । ଏହା ନିର୍ବିବାଦିତ ଯେ ପ୍ରାସଙ୍ଗିକ ସରକାରୀ ଆଦେଶର ଭୁଲ ପଠନ ଅଧୀନରେ ହୁଏତ ରିଟ୍ ଆବେଦନକାରୀଙ୍କୁ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ କରାଯାଇଥିଲା ।

13. ତେଣୁ, ଆମ୍ଭେ ଏହି ଆବେଦନକୁ ଅନୁମତି ଦେବା ସମୟରେ ନିର୍ଦ୍ଦେଶ ଦେଉଅଛୁ ଯେ ସମ୍ପୃକ୍ତ ଅନୁଷ୍ଠାନର ପରିଚାଳନା ଜଣେ ଚତୁର୍ଥ ଶ୍ରେଣୀର କର୍ମଚାରୀଙ୍କ ପଦୋନ୍ନତି ନିଯୁକ୍ତି ପାଇଁ ଅନୁମୋଦନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ "ଦଫତରୀ" ଭାବରେ ସ୍ଥାନାନ୍ତର କରିବ । ଏଥି ସହିତ, ଏହା ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ପାଇଁ ମଧ୍ୟ ସୁପାରିଶ କରିପାରିବ, ଯଦି ପଦୋନ୍ନତି ଉପରେ "ଦଫତରୀ" ନିଯୁକ୍ତି ପାଇଁ ସୁପାରିଶକୁ ଅନୁମୋଦନ ଦିଆଯାଏ । ନିଯୁକ୍ତି ସମୟରେ ପ୍ରଚଳିତ କାର୍ଯ୍ୟକ୍ଷମ ମାନଦଣ୍ଡକୁ ଦୃଷ୍ଟିରେ ରଖି ଆଇନ ଅନୁଯାୟୀ ସୁପାରିଶ ଦାଖଲ ତାରିଖ ଠାରୁ ତିନି ମାସ ମଧ୍ୟରେ ଉଭୟ ପ୍ରସ୍ତାବ ଉପରେ ନିର୍ଣ୍ଣୟ ନିଆଯିବ । ଯଦିଓ ପୂର୍ବରୁ ପ୍ରତ୍ୟାଖ୍ୟାନ କରାଯାଇଛି, ଉପରେ ଯାହା କୁହାଯାଇଛି, ତାହାକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗରେ ପୁନର୍ବିଚାର କରାଯିବ ।

14. ଏହି ମାମଲାରୁ ଓହରିବା ପୂର୍ବରୁ ଆମ୍ଭେ ନିଶ୍ଚିତ ଭାବରେ ସୂଚିତ କରିବା ଉଚିତ ଯେ ନିର୍ବିବାଦିତ ଭାବରେ ଖଣ୍ଡପୀଠର ଅନେକ ନିର୍ଣ୍ଣୟ ଆଗରୁ ପ୍ରଦାନ କରାଯାଇଥିଲା, ଯେଉଁଗୁଡ଼ିକ ଉକ୍ତ ଆକ୍ଷେପିତ ରାୟରେ ନିଆଯାଇଥିବା ନିର୍ଣ୍ଣୟଠାରୁ ବିପରୀତ ଦୃଷ୍ଟିକୋଣରେ ନିଆଯାଇଥିଲା । ପ୍ରତିବାଦୀ (ରିଟ୍ ଆବେଦନକାରୀ)ଙ୍କ ଶ୍ରୀମାନ ଓକିଲ ଯଥାର୍ଥ ଭାବରେ ସ୍ୱୀକାର କରିଛନ୍ତି ଯେ ଏହା ଏହିପରି ଅଟେ । ବାସ୍ତବରେ, ଓଜେସି ସଂଖ୍ୟା

5104/96 ରେ ତା 15.7.1996 ରିଖର ଏପରି ଏକ ନିର୍ଣ୍ଣୟର ନକଲ ନଥିରେ ରଖାଯାଇଥିଲା ଏବଂ ଏହାକୁ ରିଟ୍ ଆବେଦନର ଶୁଣାଣି କରୁଥିବା ବିଜ୍ଞ  ନ୍ୟାୟମୂର୍ତ୍ତିଙ୍କ ଦୃଷ୍ଟିକୁ ଅଣାଯାଇଛି ।

15. ପକ୍ଷମାନଙ୍କ ଉପରେ ସେମାନଙ୍କର ନିଜ ନିଜ ଖର୍ଚ୍ଚ ବହନ କରିବାକୁ ଛାଡି, ଉପରୋକ୍ତ ସର୍ତ୍ତାବଳୀରେ ଆବେଦନକୁ ଅନୁମତି ଦିଆଯାଇଛି ।

ଡି. ଜି.

ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ**